# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1 July - 2024**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଜିଠାରୁ ଲାଗୁ ହୋଇଥିବା ତିନୋଟି ନୂଆ ଅପରାଧିକ ଆଇନ ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା
- ରାଜ୍ୟରେ ଆରମ୍ଭ ହେଲା ଜନ ଅଭିଯୋଗ ଶୁଣାଣି; ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗର ଶୁଣାଣି କଲେ ମୁଖ୍ୟମନ୍ତ୍ରୀ
- ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ବିଷାକ୍ତ ଗ୍ୟାସ ଲିକ୍ ଘଟଣାର ତଦନ୍ତ ନିର୍ଦ୍ଦେଶ

ଏବଂ

- ବିଭିନ୍ନ ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟରେ ଆଜିଠାରୁ ଆରମ୍ଭ ହେଲା ସମନ୍ୱିତ ସର୍ବେକ୍ଷଣ ଅଭିଯାନ

# ନୂଆ ଅପରାଧିକ ଆଇନ

ଦେଶରେ ଆଜିଠାରୁ ୩ଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରୀ ହୋଇଛି। ସେଗୁଡ଼ିକ ହେଉଛି, ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩। ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ନୂଆ ଆଇନରେ ତ୍ୱରିତ ନ୍ୟାୟ ପ୍ରଦାନର ବ୍ୟବସ୍ଥା ରହିବା ସହ ପୀଡ଼ିତଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ। ପୂର୍ବରୁ କେବଳ ପୁଲିସର ଅଧିକାର ସୁରକ୍ଷିତ ଥିଲା। ତେବେ ବର୍ତ୍ତମାନ ପୀଡ଼ିତ ଏବଂ ଅଭିଯୋଗକାରୀ ମାନଙ୍କ ଅଧିକାର ମଧ୍ୟ ସୁରକ୍ଷିତ ରହିବ ବୋଲି ଶ୍ରୀ ଶାହା କହିଛନ୍ତି। ସେ କହିଛନ୍ତି, ଏହି ତିନୋଟି ଆଇନ ଭାରତୀୟ ଏବଂ ଏଥିରେ ସ୍ୱାଧୀନତା ପରବର୍ତ୍ତୀ ବ୍ୟବସ୍ଥା ଅର୍ନ୍ତନିହିତ ରହିଛି।

ଏହି ଆଇନ୍‌ଗୁଡ଼ିକ ୧୮୬୦ ମସିହାର ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଳକୋର୍ଡ-ଆଇପିସି, ଭାରତୀୟ ଫୌଜଦାରୀ ଆଇନ୍-୧୯୭୩ ଏବଂ ୧୮୭୨ ମସିହାର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ବଦଳରେ କାର୍ଯ୍ୟକାରୀ ହେଉଛି। ଏହି ଆଇନ୍‌ରେ ସାମ୍ପ୍ରତିକ ସାମାଜିକ ପରିସ୍ଥିତି ଏବଂ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଆବଶ୍ୟକ ନିୟମ ରଖାଯାଇଛି। ତଦନ୍ତକୁ ଅଧିକ ସହଜ ଏବଂ ନ୍ୟାୟ ପ୍ରଦାନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି। ଭାରତୀୟ ନାଗରିକଙ୍କୁ ସମ୍ବିଧାନ ଅନୁସାରେ

ଅଧିକାର, ନ୍ୟାୟ ଏବଂ ସୁରକ୍ଷା ଦେବା ହେଉଛି ନୂଆ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ପୁରୁଣା ଆଇନ ବଦଳିବା ଯୋଗୁଁ ଲୋକେ ଉପକୃତ ହେବେ ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ହେବ। ନୂଆ ଆଇନ ସମ୍ପର୍କରେ ସବୁ ପକ୍ଷକୁ ସଚେତନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ରାଜ୍ୟରେ ତିନୋଟି ଅପରାଧିକ ଆଇନକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ନୂଆ ଅପରାଧିକ ଆଇନ ସମ୍ପର୍କରେ ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ୧୦୦ ଜଣ ମାଷ୍ଟର ଟ୍ରେନରଙ୍କୁ ନିୟୋଜିତ କରାଯାଇଛି। ଆଗାମୀ ଦିନରେ ନୂଆ ଆଇନର କାର୍ଯ୍ୟକାରିତା ନେଇ ସନ୍ଦେହ ଦୂର କରିବା ଲାଗି ସ୍ୱତନ୍ତ୍ର ପରାମର୍ଶବଳୀ ସହ ହେଲ୍‌ପ ଡେସ୍କ ଖୋଲା ଯାଇଥିବା ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ଏହାଛଡ଼ା ଅନଲାଇନ୍ ମାଧ୍ୟମରେ ଏତଲା ପଞ୍ଜୀକରଣ, ପୁଲିସ ରିପୋର୍ଟ ସମେତ ମାମଲାର ସ୍ଥିତି ନିରୀକ୍ଷଣ କରିବା ଲାଗି କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ଆଣ୍ଡ ସିଷ୍ଟମ– ସି.ସି.ଟି.ଏନ୍.ଏସ୍ ସମ୍ପୂର୍ଣ୍ଣ

ରୂପେ କାର୍ଯ୍ୟକ୍ଷମ କରିବା ଲାଗି ସମସ୍ତ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବା ସେ କହିଛନ୍ତି।

ନୂଆ ଆଇନର କାର୍ଯ୍ୟକାରିତା ନେଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସଚେତନତା ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହେଉଛି।

ନୂଆପଡ଼ା ଜିଲ୍ଲାରେ ନୂତନ ଅପରାଧ ଆଇନର କାର୍ଯ୍ୟକାରିତା ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।

ବୌଦ୍ଧ ଜିଲ୍ଲାର ବିଭିନ୍ନ ଥାନା ପରିସରରେ ଏହି ନୂତନ ଅପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଜିଠାରୁ ଲାଗୁ ହୋଇଥିବା ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି।

କଳାହାଣ୍ଡି ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲା ପୁଲିସ ସଭାଗୃହଠାରେ ନୂତନ ଅପରାଧିକ ଆଇନ ସଚେତନତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହି ନୂଆ ଆଇନ ବିଷୟରେ ଆଲୋଚନା କରିଥିଲେ।

***I&PR/BBSR***

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଲୋକଙ୍କର ସମସ୍ୟା ଶୁଣିବା ଓ ଏହାର

ସମାଧାନ କରିବା ହେଉଛି ସରକାରଙ୍କର ପ୍ରାଥମିକତା। ଏହି ପଦକ୍ଷେପ ଲୋକଙ୍କର ଆଶା ଓ ଭରସାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ପୂର୍ବାହ୍ଣ ୧୧ଟାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ଆରମ୍ଭ ହୋଇଥିଲା। ଆଜି ମୁଖ୍ୟମନ୍ତ୍ରୀ ପ୍ରାୟ ୧ ହଜାରରୁ ଅଧିକ ଲୋକଙ୍କ ସମସ୍ୟା ଶୁଣିଥିଲେ। ଏହାସହ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଜନ ଅଭିଯୋଗ ଶୁଣାଣି ହୋଇଛି । ଜିଲ୍ଲାସ୍ତରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକମାନେ ମିଳିତ ଭାବେ ଜନଶୁଣାଣି କରିଛନ୍ତି ।

***Desk***

# ଏନ୍‌ଟିଏ ନିଟ୍

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ. ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ହୋଇଥିବା ୧ ହଜାର ୫୬୩ ଜଣ ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାର୍ଥୀଙ୍କ ଫଳ ଆଜି ପ୍ରକାଶ ପାଇଛି। ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କ ର୍‍ୟାଙ୍କରେ ସଂଶୋଧନ ମଧ୍ୟ କରାଯାଇଛି। ତେବେ ୮୧୩ ଜଣ ପରୀକ୍ଷାର୍ଥୀ ପୁନଃ ପରୀକ୍ଷା ଦେଇଥିଲେ। ଏନ୍.ଟି.ଏ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପରୀକ୍ଷାର୍ଥୀମାନେ exams.nta.ac.in/neet ୱେବସାଇଟ୍‌ରେ ସଂଶୋଧିତ ସ୍କୋର କାର୍ଡ ପାଇପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଅନୁଯାୟୀ, ଗତ ମାସ ୨୩ ତାରିଖରେ ଗ୍ରେସ୍ ମାର୍କ ପାଇଥିବା ପରୀକ୍ଷାର୍ଥୀଙ୍କର ପୁନଃ ପରୀକ୍ଷା କରାଯାଇଥିଲା ।

*I&PR*

## ରାଉରକେଲା ଷ୍ଟିଲପ୍ଲାଣ୍ଟ ଦୁର୍ଘଟଣା

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟ ଫୋର୍ଣ୍ଣେସରେ ଗ୍ୟାସ୍ ଲିକ୍ ଯୋଗୁଁ ୯ ଜଣ ଆହତ ହେବା ଘଟଣାରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଏ ସମ୍ପନ୍ଧରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ।

ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଗ୍ୟାସ୍ ଲିକ୍ ହୋଇଥିଲା । ଏଥିରେ ୯ ଜଣ ଆହତ ହେବା ପରେ ସେମାନଙ୍କୁ ତୁରନ୍ତ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା । ଅନ୍ୟ ୮ ଜଣ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

*I&PR*

## ମୁଖ୍ୟ ଶାସନ ସଚିବଙ୍କ ବୈଠକ

ନୂତନ ଭାବେ ଯୋଗ ଦେଇଥିବା ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ବିଭିନ୍ନ ବିଭାଗର ସଚିବମାନଙ୍କ ସହ ଲୋକସେବା ଭବନରେ ବୈଠକ କରିଥିଲେ । ଏଥିରେ ଶ୍ରୀ ଆହୁଜା ବିଭିନ୍ନ ଯୋଜନା ଓ

କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଆଗାମୀ ବଜେଟ୍ ଉପସ୍ଥାପନ, ପୁରୀ ରଥଯାତ୍ରାର ସୁପରିଚାଳନା, ରାଷ୍ଟ୍ରପତିଙ୍କ ଗସ୍ତ ଉପଲକ୍ଷେ ଆନୁଷଙ୍ଗିକ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ।

***Ganjam/I&PR***

## ସମନ୍ୱିତ ସର୍ବେକ୍ଷଣ ଅଭିଯାନ

ରାଜ୍ୟରେ ଆଜିଠାରୁ ସମନ୍ୱିତ ସର୍ବେକ୍ଷଣ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ’ ଗଞ୍ଜାମ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରୁ ଶୁଭାରମ୍ଭ କରିଛନ୍ତି। ବ୍ରହ୍ମପୁର ସ୍ଥିତ ଡାଇମଣ୍ଡ ଜୁବଲି ଟାଉନହଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ଡାଇରିଆ, ଡେଙ୍ଗୁ, ଯକ୍ଷ୍ମା, କୁଷ୍ଠ ଭଳି ମାରାତ୍ମକ ରୋଗ ସମ୍ପର୍କରେ ସଚେତନ କରାଯିବ। ସେହିଭଳି ହେପଟାଇଟିସ୍-ବି ପରୀକ୍ଷା କରାଯାଇ ନ ଥିବା ଗର୍ଭବତୀ ମହିଳାମାନଙ୍କୁ ଏହି ଅଭିଯାନରେ ସାମିଲ କରାଯିବ। ଏହି ଅଭିଯାନ ସମୟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଘରକୁ ଆଶାକର୍ମୀମାନେ ପରିଦର୍ଶନ କରି ବିଭିନ୍ନ ରୋଗ ଏବଂ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରାଇବେ। ସେହିଭଳି ଜିଙ୍କ, ଓଆରଏସ୍ ଭଳି ସାମଗ୍ରୀ ମହଜୁଦ ରଖିବା ପାଇଁ ଇଣ୍ଟିଗ୍ରେଟେଡ୍ କର୍ଣ୍ଣରର ବ୍ୟବସ୍ଥା କରାଯିବ। ସୂଚନା ଅନୁସାରେ, ଏହି କାର୍ଯ୍ୟକ୍ରମ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

*I&PR*

## ସ୍ୱାସ୍ଥ୍ୟ ପରୀକ୍ଷଣ ସୁବିଧା

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଥିବା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଇଲିସିସ୍, ସିଷ୍ଟିସ୍କାନ ଓ ଏମ୍.ଆର୍.ଆଇ ଭଳି ପରୀକ୍ଷଣ ସୁବିଧା ସରକାରୀ–ବେସରକାରୀ ସହଭାଗିତା ମାଧ୍ୟମରେ ଉପଲବ୍ଧ ହେବ। ଏଥିପାଇଁ ସଂସ୍ଥାଗୁଡ଼ିକ ଚୁକ୍ତିନାମା ପରିସର ଭିତ୍ତିରେ ଯୋଗ୍ୟତା ଅନୁଯାୟୀ ଡାକ୍ତର ଓ ବିଶେଷଜ୍ଞମାନଙ୍କୁ ନିୟୋଜିତ କରିବେ ବୋଲି ସୂଚନା ମିଳିଛି।

*HS*

## ତାଳଗଛ ରୋପଣ

ରାଜ୍ୟରେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ରାଜ୍ୟରେ ଚଳିତ ବର୍ଷ ୧୯ ଲକ୍ଷ ତାଳଗଛ ଲଗାଯିବ ବୋଲି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରତି ଫରେଷ୍ଟ ବ୍ଲକର ଚାରିପଟେ ଚାରୋଟି ଲେଖାଏଁ ତାଳଗଛ ଲଗାଯିବ। ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ ପରି ସହର ସମେତ ଉପକୂଳ ଓଡ଼ିଶାରେ ବ୍ୟାପକ ତାଳଗଛ ରୋପଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶ୍ରୀ ବିଶ୍ୱାଳ କହିଛନ୍ତି, କେହି ବି ବିନା ଅନୁମତିରେ ତାଳଗଛ କାଟିପାରିବେ ନାହିଁ। ଏହାକୁ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

*Met. O.*

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ  ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ଝାରସୁଗୁଡ଼ା, ସୁନ୍ଦରଗଡ଼, ରାୟଗଡ଼ା, ଦେବଗଡ଼, ସମ୍ବଲପୁର ଓ ବରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ୧୧ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

*****